# REGIONAL NEWS UNIT, AIR CUTTACK

## Morning Bulletin (7.20 AM)

### 13 May - 2025

********************************

# ପିଏମ୍-ପାକିସ୍ତାନ

ଭାରତୀୟ ସେନାର ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ ବରଂ ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା । ଅପରେସନ ସିନ୍ଦୂର ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାମ୍ମୁ-କାଶ୍ମୀରର ପହଲଗାମଠାରେ ଗତ ଏପ୍ରିଲ ୨୨ ତାରିଖରେ ହୋଇଥିବା ସୀମାପାର୍ ଆତଙ୍କବାଦୀ ଆକ୍ରମଣର ଭାରତ ଉଚିତ୍ ଜବାବ ଦେଇଛି । ଭାରତ ଉପରେ ଆକ୍ରମଣରେ ସଂପୃକ୍ତ ଥିବା ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ଓ ସେମାନଙ୍କ ଭିତ୍ତିଭୂମିକୁ ମାଟିରେ ମିଶାଯାଇଛି । ଆତଙ୍କବାଦ ବିରୋଧରେ ଲଢ଼େଇ ବନ୍ଦ ହୋଇନାହିଁ, ତେବେ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି କୌଣସି ପରମାଣୁ ଅସ୍ତ୍ରର ଧମକକୁ ସହ୍ୟ କରାଯିବ ନାହିଁ । ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ । ସେହିପରି ଜଳ ଏବଂ ରକ୍ତ ଏକାଠି ବହିପାରିବ ନାହିଁ । ଏହା

ଯୁଦ୍ଧର ଯୁଗ ନୁହେଁ, କିନ୍ତୁ ଆତଙ୍କବାଦର ମଧ୍ୟ ଯୁଗ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O**

# ତ୍ରିରଙ୍ଗା ଯାତ୍ରା

ଅପରେସନ ସିନ୍ଦୂରର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ ୧୧ଦିନିଆ ତ୍ରିରଙ୍ଗା ଯାତ୍ରା ଆରମ୍ଭ କରାଯାଉଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଜାରି ରହିବ । ଏଥିରେ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ ଏବଂ ସମାଜର ବିଭିନ୍ନ ବର୍ଗର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଂଶଗ୍ରହଣ କରିବେ ।

## ରଥଯାତ୍ରା ବୈଠକ

ପୁରୀରେ ସ୍ନାନଯାତ୍ରା ଓ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ନେଇ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସମୀକ୍ଷା କରିଛନ୍ତି। ବୈଠକରେ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସହ ରଥଯାତ୍ରା ସମୟରେ ଭିଡ଼, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ଏହା ସହ କଡ଼ା ସୁରକ୍ଷା ପାଇଁ କୋଷ୍ଟଗାର୍ଡ, ଭାରତୀୟ ନୌସେନାର ସହଯୋଗ

ନିଆଯିବା ସହ ସହରରେ ସିସିଟିଭି ଓ ଏ.ଆଇ. କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ଖଣି ସମୀକ୍ଷା

ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୁବର୍ଣ୍ଣପୁରଠାରେ ଜିଲ୍ଲା ଖଣି ଓ ପରିବହନ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ମନ୍ତ୍ରୀ ବେଆଇନ ବାଲି ଚୋରାଚାଲାଣ ବିରୁଦ୍ଧରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏକସପ୍ତାହ ମଧ୍ୟରେ ସମସ୍ତ ବାଲିଘାଟରେ ସୂଚନା ଫଳକ ସ୍ଥାପନ କରିବା ଏବଂ ଏଥିରେ ଦୈନିକ ଉଠାଣ ଲକ୍ଷ୍ୟ ଓ ମହଜୁଦ ପରିମାଣ ଦର୍ଶାଇବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି ।

# ଆଇପିଏସ୍ ଅଧିକାରୀ-ଡେପୁଟେସନ

ଓଡ଼ିଶା କ୍ୟାଡରର ୨ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନ ପାଇଁ ତାଲିକାଭୁକ୍ତ ହୋଇଛନ୍ତି । ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ସର୍ବଭାରତୀୟ ସ୍ତରରେ ୮୦ରୁ ଊର୍ଦ୍ଧ୍ୱ ଆଇପିଏସ୍ ଅଧିକାରୀଙ୍କ ନାମ ଡେପୁଟେସନ ତାଲିକାରେ ସ୍ଥାନିତ କରିଛନ୍ତି । ଏଥିରେ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଧିକାରୀ ରାଜେଶ କୁମାର ଓ ଅନୁପ ସାହୁଙ୍କ ନାମ ଥିବା ଜଣାପଡିଛି ।

## ଅନାଥ ଶିଶୁଙ୍କୁ ପୋଷ୍ୟଗ୍ରହଣ

ରାଜ୍ୟରେ ୨୦୨୪-୨୫ ବର୍ଷରେ ୨୮୭ଜଣ ଅନାଥ ଶିଶୁଙ୍କୁ ପୋଷ୍ୟ ଗ୍ରହଣ କରାଯାଇଥିବା ଜଣାପଡିଛି । କେନ୍ଦ୍ରୀୟ ପୋଷ୍ୟ ଗ୍ରହଣ ସମ୍ବଳ ପ୍ରାଧିକରଣ - କାରା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ସେହି ସମୟ ମଧ୍ୟରେ ୧୫୧ଜଣ ବାଳିକା ଓ ୧୩୬ଜଣ ବାଳକଙ୍କୁ ପୋଷ୍ୟଗ୍ରହଣ କରାଯାଇଛି । ୨୦୨୩-୨୪ରେ ରାଜ୍ୟରେ ୨୫୯ଜଣ ଅନାଥ ଶିଶୁଙ୍କୁ ପୋଷ୍ୟଗ୍ରହଣ କରାଯାଇଥିଲା ।

## ଶୀତଳଷଷ୍ଠୀ-ସହାୟତା

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକକୋଟି ୮ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ବିଭବ ଶୀତଳଷଷ୍ଠୀ ଯାତ୍ରା ପାଇଁ ବିଭିନ୍ନ ଯାତ୍ରା କମିଟି ଓ ଅନୁଷ୍ଠାନ ଗୁଡ଼ିକ ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ

ବରଗଡ ଜିଲ୍ଲା ନୃସିଂହନାଥ ପୀଠରେ ପ୍ରଭୁ ଶ୍ରୀ ମାର୍ଜାର  କେଶରୀ ଜନ୍ମୋତ୍ସବ ପାଳନର ଷଷ୍ଠ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଯୋଗଦେଇଥିଲେ । ଏଥିରେ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

# ଭିକାରୀବଳ ସ୍ମୃତି ସମ୍ମାନ

ବିଶିଷ୍ଟ ଗୀତିକାର ରଜନୀକାନ୍ତ ନାୟକ ଓ କଣ୍ଠଶିଳ୍ପୀ ଡକ୍ଟର ସଂଗୀତା ଗୋସାଇଁଙ୍କୁ ଚଳିତବର୍ଷର ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ସ୍ମୃତିସଂସଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତମାସ ୨୫ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ।

# ରେଳ ଚଳାଚଳ

ଭୁବନେଶ୍ୱର ନୂଆ ରେଳଷ୍ଟେସନରୁ ୩ଟି ନୂତନ ଟ୍ରେନ୍ ଚଳାଚଳ ଆରମ୍ଭ କରିଛି । କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପଟନମ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ କରିଛି । ଏହିସବୁ ଟ୍ରେନ୍ ପୂର୍ବରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ମୁଖ୍ୟ ରେଳଷ୍ଟେସନରୁ ଯାତ୍ରା କରୁଥିଲା ।

# ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି । ଗତକାଲି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଦଳ ମିଜୋରାମକୁ ୫-୧

ଗୋଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି । ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜିସୁଦ୍ଧା ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ଛୁଇଁବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସୂଚନା ଅନୁସାରେ ଆଣ୍ଡାମାନ ସାଗର ଅଞ୍ଚଳକୁ ମୌସୁମୀର ଅଗ୍ରଗତି ପାଇଁ ପରିସ୍ଥିତି ଅନୁକୂଳ ରହିଛି । ଅପରପକ୍ଷରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି । ଗତକାଲି ୧୭ଟି ସ୍ଥାନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଥିଲା । ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୨ ଦଶମିକ ୯ ଡିଗ୍ରୀ ସେଲସିୟସ ରହିଥିଲା ।